
ଦିଗପହଣ୍ଡି ଖେମୁଣ୍ଡି କଲେଜ ନିକଟରେ ରବିବାର ରାତିରେ ଘଟିଥିବା ଦୁର୍ଘଟଣାରେ ଆହତଙ୍କୁ ଉଦ୍ଧାର କରାଯାଉଛି।


ଶୋକାକୁଳ ପରିବାର।



କ୍ରେନ୍ ସାହାଯ୍ୟରେ ଦୁର୍ଘଟଣାଗ୍ରସ୍ତ ଓଏସ୍ଆର୍‌ଟିସି ବସ୍‌କୁ ରାସ୍ତା ପାର୍ଶ୍ୱକୁ ନିଆଯାଉଛି।

## କାନ୍ଦ ବୋବାଳିରେ ଫାଟିପଡ଼ିଲା ଗାଁ ଦାଣ୍ଡ

ବ୍ରହ୍ମପୁର, (ସୁବାସ ଚନ୍ଦ୍ର ପାଢ଼ୀ)/ ଦିଗପହଣ୍ଡି (ଅଶେଷ ନାଥ ମିଶ୍ର)/ ଭଞ୍ଜନଗର (ବାବୁଲା ପ୍ରଧାନ) ୨୬।୬

ବ୍ରହ୍ମପୁର ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ଖଣ୍ଡଦେଉଳିରେ ପହଞ୍ଚିଥିଲା। ବ୍ରହ୍ମପୁର ବଡ଼ ମେଡିକାଲରେ ଶବ ବ୍ୟବଚ୍ଛେଦ ପରେ ମୃତଦେହଗୁଡ଼ିକ ଗାଁକୁ ଅଣାଯାଇଥିଲା। ଏହି ସମୟରେ କାନ୍ଦ ବୋବାଳିରେ ଫାଟି ପଡ଼ିଥିଲା ଗାଁ ଦାଣ୍ଡ। ଶୋକାକୁଳ ପରିବେଶରେ ପୂରା ଗାଁ ସ୍ତବ୍ଧ ପାଲଟି ଯାଇଥିଲା। ଶେଷରେ ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା।

### ମା' କୋଳରେ ପୁଅର ଚିତା ଜଳିଲା

ଦିଗପହଣ୍ଡି ବସ୍ ଦୁର୍ଘଟଣାରେ ୨ ଶିଶୁଙ୍କ ସମେତ ସେମାନଙ୍କ ମା'ମାନଙ୍କ ମୃତ୍ୟୁ ଘଟିଛି। ସୋମବାର ସନ୍ଧ୍ୟାରେ ମୁଜାଗଡ଼ ଗ୍ରାମ ଶ୍ମଶାନରେ ସେମାନଙ୍କ ଅନ୍ତିମ ସତ୍କାର ହୋଇଛି। ମୁଜାଗଡ଼ର ଶିବାନୀଙ୍କ କୋଳରେ ତାଙ୍କର ଏକ ବର୍ଷର ପୁଅ ହାର୍ଦ୍ଦିକକୁ ଶୁଆଇ ଦିଆଯାଇଥିଲା। ସେହିଭଳି ସୁଜ୍ଞାନୀଙ୍କ କୋଳରେ ତାଙ୍କର ୩ ବର୍ଷର ପୁଅ ଦିବ୍ୟାଂଶୁଙ୍କୁ ଶୁଆଇ ଦିଆଯାଇଥିଲା। ଏହାପରେ ଅଗ୍ନି ସଂଯୋଗ କରାଯାଇଥିଲା। ଏହିଭଳି ହୃଦୟ ବିଦାରକ ଦୃଶ୍ୟ ଦେଖି ଉପସ୍ଥିତ ଲୋକେ ଭୋ ଭୋ ହୋଇ କାନ୍ଦି ପକାଇଥିଲେ।

### ମନେପଡ଼ିଲା ମେଣ୍ଡରାଜପୁର ବସ୍ ଟ୍ରାଜେଡି

ଖେମୁଣ୍ଡି କଲେଜ ଛକ ନିକଟରେ ରବିବାର ରାତିର ଦୁର୍ଘଟଣା ୨୦୨୦ ଫେବୃଆରୀ ୮ ତାରିଖରେ ମେଣ୍ଡରାଜପୁର ଛକରେ ହୋଇଥିବା ବସ୍ ଟ୍ରଜେଡିକୁ ମନେ ପକାଇଦେଇଛି। ଉକ୍ତ ଦିନ ଗୋଳନ୍ଥରା ଥାନା ଅନ୍ତର୍ଗତ ଡଙ୍କଲୁପାଡୁ ଗ୍ରାମର ଏକ ବରଯାତ୍ରୀ ବସ ଚିକେରଡ଼ା ଗ୍ରାମର କନ୍ୟା ଘରକୁ ଆସୁଥିଲେ। ମେଣ୍ଡରାଜପୁର ଛକରେ ବସ୍‌ଟି ୧୧କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଯିବାରୁ ବରଯାତ୍ରୀଙ୍କ ମଧ୍ୟରୁ ୧୨ଜଣଙ୍କ ମୃତ୍ୟୁ ଘଟିଥିଲା ବେଳେ ୩୦ରୁ ଉର୍ଦ୍ଧ୍ୱ ଆହତ ହୋଇଥିଲେ।

## ଓଏସ୍ଆର୍‌ଟିସି ଡ୍ରାଇଭରଙ୍କୁ ଭୁବନେଶ୍ୱରରୁ ନେଲା ଗଞ୍ଜାମ ପୋଲିସ

ଭୁବନେଶ୍ୱର,୨୬।୬(ସତ୍ୟଜିତ୍ ରାଉତ)

ଗଞ୍ଜାମ ଜିଲାରେ ଦୁର୍ଘଟଣା ଘଟାଇଥିବା ଓସ୍ଆର୍‌ଟିସିର ବସ୍‌ର ଡ୍ରାଇଭରଙ୍କୁ ଭୁବନେଶ୍ୱରୁ ସୋମବାର ଉଠାଇନେଇଛି ଦିଗପହଣ୍ଡି ଥାନା ପୋଲିସ। ସେ ହେଲେ କଟକ ଜିଲା ଆଠଗଡ଼ ଥାନା ଅନ୍ତର୍ଗତ ଗୋପାଳପୁରର ମାନସ ପ୍ରଧାନ। ଦୁର୍ଘଟଣାରେ ସେ ମଧ୍ୟ ଆହତ ହୋଇଥିଲେ। ଏହାପରେ ମାନସ ସ୍ଥାନୀୟ ହସ୍ପିଟାଲକୁ ଯାଇଥିଲେ। ଗିରଫ ଭୟରେ ସେ ଅନ୍ୟ ଏକ ବସ୍ ଦ୍ୱାରା ରାତିରେ ଭୁବନେଶ୍ୱରକୁ ପଳାଇ ଆସିଥିଲେ। ସୋମବାର ସକାଳେ ଭୁବନେଶ୍ୱର ବରମୁଣ୍ଡାସ୍ଥିତ ଓସ୍ଆର୍‌ଟିସି ବସଷ୍ଟାଣ୍ଡରେ ପହଞ୍ଚି ସେଠାରେ ଥିଲେ। ତେବେ ଦିଗପହଣ୍ଡି ଥାନା ପୋଲିସ ଏନେଇ ସୂଚନା ପାଇ ଭରତପୁର ଥାନାକୁ ଜଣାଇଥିଲା। ମାନସ ବସ୍‌ଷ୍ଟାଣ୍ଡରେ ବସିଥିବା ବେଳେ ସକାଳ ୭ଟାରେ ଭରତପୁର ଥାନା ପୋଲିସ ଟିମ୍ ସେଠାରେ ପହଞ୍ଚି ତାଙ୍କୁ ଥାନାକୁ ନେଇଥିଲା। ଏହାର କିଛି ସମୟ ପରେ ଦିଗପହଣ୍ଡି ଥାନା ପୋଲିସ ଟିମ୍ ଭୁବନେଶ୍ୱରରେ ପହଞ୍ଚି ମାନସଙ୍କୁ ନେଇଯାଇଥିଲେ ବୋଲି ଭରତପୁର ଥାନାଧିକାରୀ ବିଭୁଦତ୍ତ ରାଉତରାୟ ସୂଚନା ଦେଇଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com


@ ସ୍ୱସ୍ତିପ୍ରିୟ


@ ବଟକୃଷ୍ଣ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଦୁର୍ଘଟଣାରେ ଆହତଙ୍କ ଚିକିତ୍ସାକୁ ଗୁରୁତ୍ୱ

ବ୍ରହ୍ମପୁର,୨୬।୬ (ସ୍ମୃତି ରଞ୍ଜନ ମହାଲିକ): ଖେମୁଣ୍ଡି କଲେଜ ଛକ ନିକଟ ଦୁର୍ଘଟଣାକୁ ନେଇ ଆମେ ସମସ୍ତେ ମର୍ମାହତ। ଏମକେସିଜିରେ ସର୍ଜରୀ ବିଭାଗ ଓ ଅର୍ଥୋପେଡିକ ବିଭାଗରେ ୭ ଜଣ ଚିକିତ୍ସିତ ହେଉଛନ୍ତି। ସମସ୍ତଙ୍କ ଚିକିତ୍ସା ଠିକ ଭାବେ ଚାଲିଛି। ସମସ୍ତଙ୍କ ଏକ୍ସ-ରେ ଓ ସିଟି ସ୍କାନ ମଧ୍ୟ କରାଯାଇଛି। ଦରକାର ପଡିଲେ ଆହତଙ୍କୁ ବାହାରକୁ ଚିକିତ୍ସା ନିମନ୍ତେ ମଧ୍ୟ ସୁବିଧା ପ୍ରଦାନ କରାଯିବ। ବର୍ତ୍ତମାନ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି ବୋଲି ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା କହିଛନ୍ତି। ସେହିପରି ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ କହିଛନ୍ତି, ଏହା ଅତ୍ୟନ୍ତ ଦୁଃଖଦ ଦୁର୍ଘଟଣା। ଦୁର୍ଘଟଣାଟି ତଦନ୍ତ ପରିସରଭୁକ୍ତକୁ ଆସିଛି। ତଦନ୍ତ ପରେ ଦୁର୍ଘଟଣାର କାରଣ ଜଣାପଡିବ। ମୁଖ୍ୟମନ୍ତ୍ରୀ ଏ ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଦୁର୍ଘଟଣାରେ ମୃତ ବ୍ୟକ୍ତିଙ୍କ ପରିବାର ବର୍ଗଙ୍କୁ ୩ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ସମସ୍ତ ଆହତ ବ୍ୟକ୍ତିଙ୍କ ସହ କଥା ହୋଇଛି। ଆହତମାନଙ୍କ ଠିକ ଭାବେ ଚିକିତ୍ସା କରାଯାଉଥିବା ସେ କହିଛନ୍ତି। ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି ଯେ, ଦୁର୍ଘଟଣା ଅତ୍ୟନ୍ତ ଦୁଃଖଦାୟକ। ଏମ୍‌କେସିଜିରେ ଚିକିତ୍ସାଧୀନ ଆହତ ବ୍ୟକ୍ତିଙ୍କୁ ସମସ୍ତ ପ୍ରକାର ଉତ୍ତମ ଚିକିତ୍ସା ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ମୃତକଙ୍କ ପରିବାର ବର୍ଗକୁ ଅନୁକମ୍ପା ରାଶି ୩ ଲକ୍ଷ ଟଙ୍କା ଘୋଷଣା କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଶବ ବ୍ୟବଚ୍ଛେଦ ଓ ଚିକିତ୍ସିତ ବ୍ୟକ୍ତିଙ୍କ ଚିକିତ୍ସା ସୁବିଧା ପ୍ରଦାନ କରାଯାଇଛି। ଏମ୍‌କେସିଜିରେ ଚିକିତ୍ସିତ ହେଉଥିବା ଆହତମାନେ ଖୁବ ଶୀଘ୍ର ଆରୋଗ୍ୟ ଲାଭ କରିବେ ବୋଲି ମନ୍ତ୍ରୀ ଆରୁଖ କହିଛନ୍ତି।

# ବସ୍ ଦୁର୍ଘଟଣା ଆହତଙ୍କ ଚିକିତ୍ସା ନେଇ ରାଜନୀତି

**ଏମକେସିଜିରେ ମିଳୁନି ଉପଯୁକ୍ତ ଚିକିତ୍ସା : ଭାଜପା**

**ସବୁ ସୁବିଧା ଯୋଗାଇ ଦିଆଯାଇଛି : ବିଜେଡି**

ବ୍ରହ୍ମପୁର,୨୬।୬ (ନରସିଂହ ସାହୁ)

ରବିବାର ମଧ୍ୟରାତ୍ରରେ ଦିଗପହଣ୍ଡିରେ ଘଟିଥିବା ଭୟଙ୍କର ବସ୍ ଦୁର୍ଘଟଣାରେ ଗୁରୁତର ଆହତମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେଠାରେ ଅତ୍ୟାବଶ୍ୟକ ଚିକିତ୍ସା ସେବା ମିଳୁନଥିବା ଗଞ୍ଜାମ ଜିଲା ଭାଜପା ସଂଗୀନ ଅଭିଯୋଗ କରିଛି। ତେବେ ଶାସକ ବିଜେଡି ଏହାର ପ୍ରତିବାଦ କରିଛି। ଏହାକୁ ନେଇ ଦୁଇ ଦଳ ମଧ୍ୟରେ ଏବେ ରାଜନୀତି ଆରମ୍ଭ ହୋଇଯାଇଛି। ଭାଜପା ଜିଲା ସଭାପତି ବିଭୂତି ଜେନା ଓ ବରିଷ୍ଠ ନେତା କାହ୍ନୁ ଚରଣ ପତିଙ୍କ ନେତୃତ୍ୱରେ ଏକ ଟିମ ଏମକେସିଜିକୁ ସୋମବାର ଯାଇଥିଲେ। ଆହତଙ୍କ ଚିକିତ୍ସା ବ୍ୟବସ୍ଥା ତଦାରଖ କରିଥିଲେ। ବଡ଼ ଡାକ୍ତରଖାନାରେ ସିଟି ସ୍କାନ ମେଶିନ ଅଚଳାବସ୍ଥାରେ ଥିବାରୁ ଏବଂ ପରୀକ୍ଷା ପାଇଁ ବାହାରକୁ ପଠାଯାଉଥିବା ରୋଗୀଙ୍କ ସମ୍ପର୍କୀୟଙ୍କଠାରୁ ଜାଣିବାରୁ ଭାଜପା ନେତାମାନେ ଗର୍ଜନ କରିଥିଲେ।

ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ ପଣ୍ଡା, ମେୟର ସଂଘମିତ୍ରା ଦଳେଇ ଓ ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କ ସମେତ ଆଉ କେତେକ ପହଞ୍ଚିଥିଲେ। ବିଜେଡି ସରକାର ସବୁଠି ସ୍ୱାସ୍ଥ୍ୟସେବାକୁ ସର୍ବାଧିକ ଗୁରୁତ୍ୱ ଦେଇଥିବା ପ୍ରଚାର ବିଭ୍ରାନ୍ତିକର ହୋଇଥିବା ଭାଜପା ନେତା କଟୁ ମନ୍ତବ୍ୟ ଦେଇଥିଲେ। ଅଚଳ ସିଟି ସ୍କାନ ମେସିନ ପଦାରେ ପକାଇଥିବା ସେ ତାଚ୍ଛଲ୍ୟ କରିଥିଲେ। ଚିକିତ୍ସିତ ରୋଗୀଙ୍କୁ ନେଇ ମେଡିକାଲରେ ରାଜନୀତି ନ କରିବାକୁ ଏମପି, ବିଧାୟକ ଓ ଅନ୍ୟମାନେ ଭାଜପା ନେତାଙ୍କୁ ତାଗିଦ କରିଥିଲେ। ଫଳରେ ଦୁଇ ଦଳ ନେତାଙ୍କ ମଧ୍ୟରେ ଉଚ୍ଚବାଚ ଓ ମୁହାଁମୁହିଁ ହୋଇଥିଲା।

ଦୁର୍ଘଟଣାରେ ଆହତଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇବାକୁ ସବୁ ବିଭାଗର ବିଶେଷଜ୍ଞ ଡ଼ାକ୍ତରଙ୍କୁ ନେଇ ଏକ ଟିମ ଗଠନ କରିବା ଏବଂ ଚିକିତ୍ସା କରିବାକୁ ଭାଜପା ଦାବି କରିଥିଲା। କେବଳ ସିଟି ସ୍କାନ ନୁହେଁ ଏକ୍ସ-ରେ ମେସିନ ମଧ୍ୟ କାମ କରୁନଥିବା ଜଣାପଡ଼ିଥିଲା। ବଡ଼ ମେଡିକାଲରେ ଯଦି ଉପଯୁକ୍ତ ଚିକିତ୍ସା କରାନଯିବ ତେବେ ଭାଜପା ପକ୍ଷରୁ ନିଜସ୍ୱ ଖର୍ଚ୍ଚରେ ଘରୋଇ ଡ଼ାକ୍ତରଖାନାରେ ଚିକିତ୍ସା କରାଯିବ ବୋଲି ଜେନା ଘୋଷଣା କରିଥିଲେ। ଭାଜପା ପକ୍ଷରୁ ବ୍ରହ୍ମପୁର ହେଲପ ଲାଇନ ନମ୍ବର ଖୋଲାଯାଇଛି। ଏହା ୨୪ ଘଣ୍ଟିଆ କାର୍ଯ୍ୟ କରୁଛି। ଜେନାଙ୍କ ଘୋଷଣା ପରେ ବିଜେଡି ନେତାମାନେ ଅଧିକ ଉତ୍ତେଜିତ ହୋଇଯାଇଥିଲେ। ଏହା ଆଗାମୀ ନିର୍ବାଚନୀ ରାଜନୀତି ହୋଇଥିବା କଟାକ୍ଷ କରିଥିଲେ। ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଥିବା ଏମପି ଓ ଅନ୍ୟମାନେ କହିଛନ୍ତି। ତେଣୁ ସକଳ ପ୍ରକାର ବ୍ୟବସ୍ଥା ହୋଇଥିବା ବିଜେଡି ପକ୍ଷରୁ କୁହାଯାଇଛି।

## ବ୍ରହ୍ମପୁର ଉପଖଣ୍ଡସ୍ତରୀୟ ଅଭିଯୋଗ ଶୁଣାଣି



ଅଭିଯୋଗ ଶୁଣାଣିରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ବ୍ରହ୍ମପୁର,୨୬।୬ (ସ୍ମୃତିରଞ୍ଜନ ମହାଲିକ)

ବ୍ରହ୍ମପୁର ଉପଖଣ୍ଡସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ସୋମବାର ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୋଟ ୭୧ଟି ଅଭିଯୋଗ ଦାଖଲ ହୋଇଥିଲା। ଏଥିମଧ୍ୟରୁ ୬୯ଟି ଅଭିଯୋଗ ବ୍ୟକ୍ତିଗତ ଓ ୨ଟି ଅଭିଯୋଗ ଗ୍ରାମ୍ୟ ଭିତ୍ତିକ ରହିଥିଲା। ଏହି ସମସ୍ତ ଅଭିଯୋଗ ମଧ୍ୟରୁ ମୋଟ ୭ଟି ଅଭିଯୋଗର ସମାଧାନ ହୋଇଛି। ଏଥିମଧ୍ୟରୁ ୨ ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୧୨ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଅଭିଯୋଗ ଶୁଣାଣିରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭି. କୀର୍ତ୍ତି ୱାସନ, ବ୍ରହ୍ମପୁର ଏସ୍‌ପି ଡା. ଶ୍ରବଣା ବିବେକ ଏମ, ବ୍ରହ୍ମପୁର ମହାନଗର ନିଗମ କମିଶନର ଜେ. ସୋନାଲ ଓ ବ୍ରହ୍ମପୁର ଉପଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ବିଭାଗର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଆନୁଷଙ୍ଗିକ ସୁବିଧା ନ ଥିବା ବହୁତଳ ଆପାର୍ଟମେଣ୍ଟ ନିର୍ମାଣ ବନ୍ଦ ଦାବି

ବ୍ରହ୍ମପୁର,୨୬।୬ (ସ୍ମୃତିରଞ୍ଜନ ମହାଲିକ)

ବ୍ରଜନଗରରେ ଡ୍ରେନ ଓ ଆନୁଷଙ୍ଗିକ ସୁବିଧା ନ ଥାଇ ଆପାର୍ଟମେଣ୍ଟ ନିର୍ମାଣ କାର୍ଯ୍ୟ ହେଉଥିବା ଅଭିଯୋଗ କରି ସୋମବାର ବ୍ରଜନଗର ଉନ୍ନୟନ ପରିଷଦ ପକ୍ଷରୁ ଗଞ୍ଜାମ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ସ୍ମାରକ ପତ୍ରରେ ଉଲେଖ ରହିଛି ଯେ, ବ୍ରଜନଗର ୨ ଓ ୩ୟ ଲେନର ସଂପ୍ରସାରଣ ଗଳିରେ ଉପଯୁକ୍ତ ଡ୍ରେନ ବ୍ୟବସ୍ଥା ନ ଥିବା ଓ ୨ ପାର୍ଶ୍ୱରେ ପକ୍କା ରାସ୍ତା ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ନ ଥାଇ ବହୁତଳ ବିଶିଷ୍ଟ ଆପାର୍ଟମେଣ୍ଟ ନିର୍ମାଣ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବା ପାଇଁ ଦାବି ହୋଇଛି। ଅନ୍ୟପଟେ କୌଣସି ସୁବିଧା ନ ଥାଇ ବିଡିଏ କର୍ତ୍ତୃପକ୍ଷ କିଭଳି ଆପାର୍ଟମେଣ୍ଟ ନିର୍ମାଣ କରାଯିବା ପାଇଁ ଅନୁମତି ପ୍ରଦାନ କରିଲେ ବୋଲି ସ୍ଥାନୀୟ ବାସିନ୍ଦା ପ୍ରଶ୍ନ ଉଠାଇଛନ୍ତି। ଏଭଳି ଆପାର୍ଟମେଣ୍ଟ ନିର୍ମାଣ ଆଗାମୀ ଦିନରେ ବ୍ରଜନଗର ବାସିନ୍ଦାଙ୍କ ପାଇଁ ସମସ୍ୟା ସୃଷ୍ଟି କରିବ ବୋଲି ଉନ୍ନୟନ ପରିଷଦ ପକ୍ଷରୁ କୁହାଯାଇଛି। ଏ ନେଇ ବିଏମ୍‌ସି କମିଶନର ଜେ. ସୋନାଲ ବିଡିଏ ସଚିବଙ୍କୁ ତୁରନ୍ତ ଏହା ଉପରେ ଅନୁସନ୍ଧାନ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଯଦି ବେଆଇନ ଭାବେ ଆପାର୍ଟମେଣ୍ଟ ନିର୍ମାଣ ହେଉଥିବ ତାହା ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ବ୍ରଜନଗରରେ ବ୍ୟବସ୍ଥିତି ଡ୍ରେନ ନ ଥିବା କାରଣରୁ ସ୍ଥାନୀୟ ବାସିନ୍ଦା ନିଜେ ଡ୍ରେନେଜ ନିର୍ମାଣ କରି ବର୍ଷା ଜଳ ନିଷ୍କାସନ କରୁଛନ୍ତି। ସେହିଭଳି ଉକ୍ତ ଅଞ୍ଚଳଗୁଡିକରେ କୌଣସି ଡ୍ରେନ ବାହାନା ନାଳକୁ ସଂଯୋଗ ନ ଥିବା କାରଣରୁ ସାମାନ୍ୟ ବର୍ଷା ହେଲେ ନର୍ଦ୍ଦମା ପାଣି ରାସ୍ତା ଉପରେ ଜମି ରହୁଛି। ଯାହାଦ୍ୱାରା ସ୍ଥାନୀୟ ଅଞ୍ଚଳରେ ମଶା ମାଛିଙ୍କ ଉପଦ୍ରବ ବୃଦ୍ଧି ପାଉଛି ବୋଲି ଉନ୍ନୟନ ପରିଷଦ ପକ୍ଷରୁ ଅଭିଯୋଗ ହୋଇଥିଲା। ସ୍ମାରକ ପତ୍ର ପ୍ରଦାନ ସମୟରେ ବ୍ରଜନଗର ଉନ୍ନୟନ ପରିଷଦର ସଭାପତି ଡ. ଶିବ ପ୍ରସାଦ ମିଶ୍ର, ସାଧାରଣ ସମ୍ପାଦକ ସଞ୍ଜୀବ କୁମାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଟି ସୁଦେଶ ପାତ୍ର, ସଂଗଠନ ସଂପାଦକ ଶ୍ରୀକାନ୍ତ ପଢିହାରୀଙ୍କ ସମେତ ପରିଷଦର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ନିମଖଣ୍ଡି ଥାନାର ନୂତନ କୋଠା ନିର୍ମାଣ ଦାବି


ସହରତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ସଭ୍ୟମାନେ ସ୍ମାରକପତ୍ର ଦେବାକୁ ଆସିଛନ୍ତି।

ବ୍ରହ୍ମପୁର,୨୬।୬ (ସ୍ମୃତିରଞ୍ଜନ ମହାଲିକ)

ନିମଖଣ୍ଡି ନୂତନ ଥାନା ନିମନ୍ତେ ଚିହ୍ନଟ ହୋଇଥିବା ସ୍ଥାନରେ ଥାନାର ନିଜସ୍ୱ କୋଠା ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ପାଇଁ ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟି ଦାବି କରିଛି। ଏ ନେଇ ସୋମବାର କମିଟି ପକ୍ଷରୁ ବ୍ରହ୍ମପୁର ଉପଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବ୍ରହ୍ମପୁର ଏସପି ଡା. ଶ୍ରବଣା ବିବେକ ଏମଙ୍କୁ କମିଟିର ଏକ ପ୍ରତିନିଧି ମଣ୍ଡଳୀ ସାକ୍ଷାତ କରି ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଏଥିସହ ସହର ତଳି ଅଞ୍ଚଳଗୁଡିକରେ ସିସିଟିଭି କ୍ୟାମେରା ଓ ରାତ୍ରି ପାଟ୍ରୋଲିଂକୁ କଡ଼ାକଡ଼ା କରିବା ପାଇଁ କମିଟି ପକ୍ଷରୁ କୁହାଯାଇଥିଲା। ଏ ନେଇ ଏସପି କହିଥିଲେ ଯେ, ଥାନାର ନୂତନ କୋଠା ନିର୍ମାଣ ପ୍ରସ୍ତାବ ରାଜ୍ୟ ସରକାରଙ୍କ ନିକଟକୁ ଅନୁମୋଦନ ନିମନ୍ତେ ପଠାଯାଇଛି। ଆସନ୍ତା ୧ ମାସ ମଧ୍ୟରେ ଥାନା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଏସପି କହିଥିଲେ। ସେହିଭଳି ନିମଖଣ୍ଡି ଥାନା ଅଧୀନରେ ସହର ତଳି ଅଞ୍ଚଳ ଆସୁ ନ ଥିବାରୁ ବିଇଏମସିର ସହଯୋଗରେ ସିସିଟିଭି କ୍ୟାମେରା ଖଞ୍ଜାଯିବ ବୋଲି ଏସପି କହିଥିଲେ। ଦାବିପତ୍ର ପ୍ରଦାନ ସମୟରେ କମିଟିର ସଭାପତି ସଞ୍ଜୀବ କୁମାର ପଟ୍ଟନାୟକ, ଉପସଭାପତି ଦେବୀ ପ୍ରସାଦ ଦାସ, ସାଧାରଣ ସଂପାଦକ ଶିବ ପ୍ରସାଦ ମିଶ୍ର, ଯୁଗ୍ମ ସମ୍ପାଦକ ଟି ସୁଦେଶ ପାତ୍ର, ସାଂଗଠନିକ ସମ୍ପାଦକ ଶ୍ରୀକାନ୍ତ ପଢିହାରୀଙ୍କ ସମେତ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ରମ୍ଭା ଏନ୍‌ଏସିରେ ମୁକ୍ତା ଯୋଜନା କାର୍ଯ୍ୟକ୍ରମ

ରମ୍ଭା,୨୬।୬ (ବନବାସୀ ସେଠୀ)

ସ୍ଥାନୀୟ ମିଞ୍ଚିନି ପାଟଣା କଲ୍ୟାଣ ମଣ୍ଡପ ପରିସରରେ କାର୍ଯ୍ୟନିର୍ବାହୀ ଅଧିକାରୀ ଆଶାଲତା ରଚମାଳାଙ୍କ ଅଧ୍ୟକ୍ଷତାରେ ମିଶନ ଶକ୍ତି ଗୋଷ୍ଠୀ ଓ ପୌରସଂସ୍ଥା ଅଧିକାରୀମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) ଯୋଜନା ବିଷୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷା ମାନସୀ ସ୍ୱାଇଁ ଓ ଉପାଧ୍ୟକ୍ଷ କାଳିଆ ତରେଇ ରହିଥିବା ବେଳେ ଭୁବନେଶ୍ୱର ଏସ୍‌ଏମ୍‌ଏମ୍ ପ୍ରସନ୍ନ ମହାରଣା ଓ ପବିତ୍ର କୁମାର ନାୟକ ମଞ୍ଚାସୀନ ରହିଥିଲେ। ରାଜ୍ୟବ୍ୟାପୀ ରମ୍ଭା ଏନଏସିର ମହିଳା ଗୋଷ୍ଠୀ ମା'ମାନଙ୍କ ସହିତ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ସରକାରଙ୍କ ଯୁଗ୍ମ ସଚିବ, ଗୃହ ଓ ନଗର ଉନ୍ନୟନ ବିଭାଗ୍ ସାରଦା ପ୍ରସାଦ ପଣ୍ଡା କିଛି ମୁହୂର୍ତ୍ତ ଆଲୋଚନା କରିଥିଲେ। ଏଥିରେ ୨୫ଟି ମିଶନ ଶକ୍ତି ମହିଳା ଗୋଷ୍ଠୀ ଓ ୧୩ଟି ସ୍ୱୟଂ ସହାୟିକା ଗୋଷ୍ଠୀ ୱାର୍ଡ କୋଡିନେଟର ଭାବେ ଯୋଗ ଦେଇଥିଲେ ଏବଂ ସମସ୍ତ କାଉନସିଲର ଉପସ୍ଥିତ ରହିଥିଲେ।

ଏହି କାର୍ଯ୍ୟକ୍ରମରେ ୱାର୍ଡ କୋଡିନେଟର ଓ ମହିଳା ମିଶନ ଶକ୍ତି ଗୋଷ୍ଠୀକୁ ମୁକ୍ତା ଯୋଜନାର କାର୍ଯ୍ୟ ଦକ୍ଷତା ଓ ୱାର୍ଡ କୋଡିନେଟର ପରିଚାଳନା ଉପରେ ତାଲିମ୍ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ସିଟି ମିଶନ ମ୍ୟାନେଜେର ବିକ୍ରମ କେଶରୀ ସାମଲ ସଂଯୋଜନା କରିଥିଲେ ଓ ଦୀପକ କୁମାର ବିଷୋୟୀ, କମାଲ ପାତ୍ର, ଜି. ସଙ୍ଗମ ଚୌଧୁରୀ, ସର୍ବନାମ ଦାଶ, ମନୋଜ କୁମାର ସେନାପତି, ସୁକାନ୍ତ ମହାରଣା, ଜେଇ ଲୋକନାଥ ପାଢ଼ୀ, ଜେଇ. ପ୍ରମୋଦିନୀ ମହାରଣା, ସିଓ ପ୍ରଭାସିନୀ ନାୟକ, ସି. ଏଚ. ଲୋଖେଶ୍ୱରୀ,ଶୁଭଶ୍ରୀ ତ୍ରିପାଠୀ, ମିତା ପ୍ରଧାନ, କେ . ଜ୍ୟୋତି ଦୋରା ମନୋଜ କୁମାର ପାଇକରାୟ, ପ୍ରଶାନ୍ତ ନାୟକ ଓ ସ୍ୱଚ୍ଛ ସାଥି ଚାନ୍ଦିନୀ ବେହେରା, ଡଲି ବେହେରା ରଶ୍ମିତା ଟହଲ,ବାଳାମତି ବେହେରା ପ୍ରମୁଖ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

